[2009] 1 S.C.R. 868

କେ.ସୁଧାକରନ୍
ବନାମ
କେରଳ ରାଜ୍ୟ
(ଅପରାଧିକ ଅପିଲ ସଂଖ୍ୟା- 452/ 2002)

5 ଫେବୃଆରି, 2009

**[ଡଃ ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲୀ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ପ୍ରକ୍ରିୟା ସଂହିତା, 1973:*

*ଧାରା- 340, 341(2) – ସ୍ୱତଃପ୍ରବୃତ୍ତ କାର୍ଯ୍ୟାନୁଷ୍ଠାନଗୁଡ଼ିକ – ଅଭିଯୋଗ ଯାହା ଧାରା- 340 ଅଧୀନରେ ଆବଶ୍ୟକ, କୌଣସି ବ୍ୟକ୍ତି ଦ୍ୱାରା ଦାଖଲ କରାଯାଇ ନାହିଁ – କାର୍ଯ୍ୟାନୁଷ୍ଠାନଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ ଆରମ୍ଭ କରିବା- ପୁନଃନିରୀକ୍ଷଣ – ପୋଷଣୀୟର – ଦର୍ଶାଯାଇଛି: ପୋଷଣୀୟଯୋଗ୍ୟ ନୁହେଁ ।*

ଧାରା- 341 ସିଆର୍.ପି.ସି. ର ପରିସର ଏବଂ ପରିସର ସହିତ ଜଡିତ ପ୍ରସଙ୍ଗ । ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନର ଯାଞ୍ଚ କରିଥିଲେ ଯେ - ଜଣେ ବ୍ୟକ୍ତି ଯିଏ ଧାରା 340 Cr.P.C. ଅନୁଯାୟୀ ଆବେଦନ ଦାଖଲ କରିନାହାଁନ୍ତି, ସେ ଧାରା- 341 ସିଆର୍.ପି.ସି. ଅଧୀନରେ ଅପିଲ କରିପାରିବେ କି? ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଜଣେ ବ୍ୟକ୍ତି ଅଭିଯୋଗ ଦାଖଲ କରିନାହାଁନ୍ତି, କିନ୍ତୁ ନ୍ୟାୟାଳୟ ଦ୍ୱାରା କାର୍ଯ୍ୟାନୁଷ୍ଠାନ ସ୍ୱତଃପ୍ରବୃତ୍ତ ଭାବରେ ଆରମ୍ଭ କରାଯାଇଥିଲା, ସେ ଆବେଦନ ଦାଖଲ କରିପାରିବେ ନାହିଁ । ତଥାପି, ଏହା ଦର୍ଶାଇଥିଲେ ଯେ, ଏକ ପୁନଃନିରୀକ୍ଷଣ ଆବେଦନ ବଜାୟ ରହିବ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପୋଷଣୀୟ ସମ୍ପର୍କିତ ପୁନଃନିରୀକ୍ଷଣ ଆବେଦନ ଆଦେଶର ଶେଷ ଭାଗକୁ ଏହି ନ୍ୟାୟାଳୟରେ ଆପତ୍ତି କରାଯାଇଛି ।

ଆଂଶିକ ଭାବରେ ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ଦର୍ଶାଇଥିଲେ: ବ୍ୟବସ୍ଥାଗୁଡ଼ିକର ସରଳ ପାଠ କରିବା ଦ୍ୱାରା ଏହା ସ୍ପଷ୍ଟ ହୁଏ ଯେ ଧାରା 341 ସିଆର୍.ପି.ସି. ଅଧୀନରେ ଏକ ଅପିଲ ଯେକୌଣସି ବ୍ୟକ୍ତି ଦ୍ୱାରା ଦାଖଲ କରାଯାଇପାରିବ ଯାହାଙ୍କ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ ବ୍ୟତୀତ ଅନ୍ୟ କୌଣସି ନ୍ୟାୟାଳୟ ଧାରା- 340 ର ଉପ-ଧାରା (1) କିମ୍ବା ଉପ-ଧାରା (2) ଅଧୀନରେ ଅଭିଯୋଗ କରିବାକୁ ମନା କରିଦେଇଥିଲେ । ଅନ୍ୟ ବ୍ୟକ୍ତି ଯିଏ ଅପିଲ ଦାଖଲ କରିପାରିବେ ସେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଏପରି ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଛି । ନିସନ୍ଦେହରେ, ବର୍ତ୍ତମାନର ମାମଲାଟି ଏପରି ଥିଲା ଯେଉଁଠାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ ଭାବରେ ଆରମ୍ଭ କରାଯାଇଥିଲା । ଧାରା 341 ର ଉପ-ଧାରା (2) କହିଛି ଯେ, ଧାରା- 341 ଅଧୀନରେ ଏବଂ ଏପରି କୌଣସି ଆଦେଶର ଅଧୀନରେ ଥିବା ଏକ ଆଦେଶ, ଧାରା- 340 ଅଧୀନରେ ଏକ ଆଦେଶ ଚୂଡ଼ାନ୍ତ ହେବ ଏବଂ ପୁନଃନିରୀକ୍ଷଣର ଅଧୀନ ହେବ ନାହିଁ । ତେଣୁ, ଧାରା- 340 ଅଧୀନରେ ଏକ ଆଦେଶ ସମ୍ପର୍କରେ ସମୀକ୍ଷା ଦାଖଲ କରିବା ଉପରେ ଆଇନଗତ

**ପ୍ରତିବନ୍ଧକ ସୃଷ୍ଟି ହୋଇଛି ଯାହା ଆପତ୍ତିର ବିଷୟ ହୋଇପାରିବ ନାହିଁ । ନିସନ୍ଦେହରେ, ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଯାହା ଆପତ୍ତି କରାଯାଇଥିଲା ତାହା ରାଜ୍ୟ ଦ୍ୱାରା ଧାରା 340 ଅନୁଯାୟୀ ଏକ ଆଦେଶ ଥିଲା । ଉଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତିକୁ ଯଥାର୍ଥ କରିଥିଲେ ଯେ, ରାଜ୍ୟ ଦ୍ୱାରା ଧାରା- 341 ଅଧୀନରେ କୌଣସି ଆବେଦନ ଦାଖଲ କରାଯାଇପାରିବ ନାହିଁ । କିନ୍ତୁ ଧାରା- 341 ର ଉପ-ଧାରା (2) ର ସ୍ୱଷ୍ଟ ଭାଷା ଦୃଷ୍ଟିରୁ ପୁନଃନିରୀକ୍ଷଣର ପୋଷଣୀୟ ବିଷୟରେ ଏହାର ନିଷ୍କର୍ଷ ଅଯୌକ୍ତିକ ଅଟେ । ଏହା ଦେଖାଯାଉଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ଅଧିକାରୀମାନଙ୍କ ବିରୁଦ୍ଧରେ କିଛି ପର୍ଯ୍ୟବେକ୍ଷଣ ଦେଇଛନ୍ତି ଯାହା ହସ୍ତକ୍ଷେପକୁ ସମର୍ଥନ କରେ ନାହିଁ । ତେଣୁ, ପୁନଃନିରୀକ୍ଷଣର ପୋଷଣୀୟ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଆପତ୍ତିଜନକ ଆଦେଶକୁ ରଦ୍ଦ କରାଯାଇଛି ।**

ଅପରାଧିକ ଅପିଲ କ୍ଷେତ୍ରାଧିକାରିତା : ଅପରାଧିକ ଅପିଲ ସଂଖ୍ୟା- 452/2002 ।

ଅପରାଧିକ ଆର୍.ପି.ସଂଖ୍ୟା- 186/1999(A)ରେ ଇର୍ନାକୁଲମ୍ ସ୍ଥିତ କେରଳ ଉଚ୍ଚ ନ୍ୟାୟାଳୟଙ୍କର ତା3.7.2001ରିଖର ରାୟ ଏବଂ ଆଦେଶରୁ ଉତ୍ପନ୍ନ ।

ଅପିଲକାରୀଙ୍କ ପାଇଁ ଏଲ୍.ଏନ୍.ରାଓ, ରଏ ଆବ୍ରାହମ, ସୀମା ଜୈନ ଏବଂ ହିମିନ୍ଦର ଲାଲ ।

ଉତ୍ତରଦାତାଙ୍କ ପାଇଁ ଏ.ମରିଆରପୁଥମ, କେ.ଆର୍.ଶଶିପ୍ରଭୁ, ପି.ଭି.ଦିନେଶ ସିନ୍ଧୁ ଟି.ପି., ଅରୁନ ବାସିଲ ଏବଂ ଜି.ପ୍ରକାଶ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ।** ଏହି ଅପିଲରେ ରାଜ୍ୟ ଦ୍ୱାରା ଦାଖଲ କରାଯାଇଥିବା ପୁନଃନିରୀକ୍ଷଣ ଆବେଦନକୁ ଅନୁମତି ଦେଇକରି, କେରଳ ଉଚ୍ଚ ନ୍ୟାୟାଳୟର ଏକ ବିଜ୍ଞ ଏକକ ବିଚାରପତିଙ୍କର ରାୟକୁ ଆପତ୍ତି କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି ଥିଲା ତା20.11.1998ରିଖରେ ତ୍ରିଭେନ୍ଦ୍ରମର ପ୍ରଥମ ଅତିରିକ୍ତ ଦୌରା ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଅପରାଧିକ ଏମ୍.ସି. ସଂଖ୍ୟା- 2081/1997 ରେ ଦିଆଯାଇଥିବା ଆଦେଶକୁ । ଦଣ୍ଡ ପ୍ରକ୍ରିୟା ସଂହିତା, 1973 (ସଂକ୍ଷେପରେ 'ସଂହିତା') ର ଧାରା-341 ର ପରିସର ଏବଂ ପରିଧି ସହିତ ଜଡ଼ିତ ପ୍ରସଙ୍ଗ ଅଟେ । ଉଚ୍ଚ ନ୍ୟାୟାଳୟ - ଏହି ପ୍ରଶ୍ନର ଯାଞ୍ଚ କରିଥିଲେ ଯେ, ଜଣେ ବ୍ୟକ୍ତି ଯିଏ ଧାରା- 340 ଅଧୀନରେ ଆବେଦନ ଦାଖଲ କରିନାହାଁନ୍ତି - ସେ ଧାରା- 341 ଅଧୀନରେ ଅପିଲ କରିପାରିବେ କି । ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଜଣେ ବ୍ୟକ୍ତି ଯିଏ ଅଭିଯୋଗ ଦାଖଲ କରିନାହାଁନ୍ତି ଏବଂ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ ଭାବରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି, ସେ ଅପିଲ ଦାଖଲ କରିପାରିବେ ନାହିଁ । କିନ୍ତୁ ଏକ ପୁନଃନିରୀକ୍ଷଣ ଆବେଦନକୁ ବଜାୟ ରଖିବାଯୋଗ୍ୟ ବୋଲି ମତ ଦେଇଥିଲେ । ଏହା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ବଜାୟ ରଖିବା ସମ୍ପର୍କିତ ପୁନଃନିରୀକ୍ଷଣ ଆବେଦନ ଆଦେଶର ପରବର୍ତ୍ତୀ ଅଂଶ ଯାହା ଆପତ୍ତି ଅଧୀନରେ ଅଛି ।

2. ଅପିଲକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଧାରା- 341ର ଉପ-ଧାରା (2) ର ପରିସର ଏବଂ ପରିଧି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇଛି ।

3. ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଛନ୍ତି ଯେ, ଅପିଲକାରୀ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମତ ଗ୍ରହଣ କରୁଛନ୍ତି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତିଜନକ ଆଦେଶରେ କେବଳ ଧାରା-340 ଏବଂ 341 ର ପରିମାପଗୁଡ଼ିକ ବିଚାରାଧୀନ ନୁହେଁ ବରଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଦିଗଗୁଡ଼ିକ ମଧ୍ୟ ବିଚାରାଧୀନ ଥିଲା ।

4. ଧାରା- 341 ନିମ୍ନଲିଖିତ ଭାବରେ ପଢାଯାଏ:

"341-ଅପିଲ-(1)- ଯେକୌଣସି ବ୍ୟକ୍ତି ଯାହାଙ୍କ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ବ୍ୟତୀତ ଅନ୍ୟ କୌଣସି ନ୍ୟାୟାଳୟ ଧାରା-340 ର ଉପ-ଧାରା (1) କିମ୍ବା ଉପ-ଧାରା (2) ଅଧୀନରେ ଅଭିଯୋଗ କରିବାକୁ ମନା କରିଛନ୍ତି, କିମ୍ବା ଯାହାଙ୍କ ବିରୁଦ୍ଧରେ ଏପରି ନ୍ୟାୟାଳୟଙ୍କ ଦ୍ୱାରା ଏପରି ଅଭିଯୋଗ କରାଯାଇଛି, ସେ ସେହି ନ୍ୟାୟାଳୟଙ୍କୁ ଅପିଲ କରିପାରିବେ ଯାହାର ଧାରା- 95 ର ଉପ-ଧାରା (4)ର ଅର୍ଥ ମଧ୍ୟରେ ଏପରି ପୂର୍ବତନ ନ୍ୟାୟାଳୟ ଅଧୀନସ୍ଥ, ଏବଂ ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ପକ୍ଷମାନଙ୍କୁ ସୂଚନା ଦେବା ପରେ, ଅଭିଯୋଗ ପ୍ରତ୍ୟାହାର କରିବାକୁ କିମ୍ବା ଯଥାସ୍ଥିତିରେ, ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି ଯାହା ଏପରି ପୂର୍ବତନ ନ୍ୟାୟାଳୟଙ୍କ ଧାରା-340 ଅଧୀନରେ କରିଥାଇପାରନ୍ତି, ଏବଂ ଯଦି ସେ ଏପରି ଅଭିଯୋଗ କରନ୍ତି, ତେବେ ସେହି ଧାରାର ବ୍ୟବସ୍ଥାଗୁଡ଼ିକ ସେହି ଅନୁଯାୟୀ ପ୍ରଯୁଜ୍ୟ ହେବ ।

(2) ଏହି ଧାରା ଅଧୀନରେ ଏବଂ ଏପରି କୌଣସି ଆଦେଶ ଅନ୍ତର୍ଗତ, ଧାରା- 340 ଅଧିନରେ ଏକ ଆଦେଶ ଚୂଡ଼ାନ୍ତ ହେବ, ଏବଂ ଏହାର ପୁନଃନିରୀକ୍ଷଣ କରାଯିବ ନାହିଁ ।"

5. ବ୍ୟବସ୍ଥାଗୁଡ଼ିକର ସରଳ ପାଠ କରିବା ଦ୍ୱାରା ଏହା ସ୍ପଷ୍ଟ ହୁଏ ଯେ, ଧାରା- 341 ଅଧୀନରେ ଏକ ଅପିଲ କୌଣସି ବ୍ୟକ୍ତି ଦ୍ୱାରା ଦାଖଲ କରାଯାଇପାରିବ ଯାହାର ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ବ୍ୟତୀତ ଅନ୍ୟ ନ୍ୟାୟାଳୟ ଧାରା- 340ର ଉପ-ଧାରା (1) କିମ୍ବା ଉପ-ଧାରା (2) ଅଧୀନରେ ଅଭିଯୋଗ କରିବାକୁ ମନା କରିଦେଇଛନ୍ତି । ଅନ୍ୟ ବ୍ୟକ୍ତି ଯିଏ ଆବେଦନ ଦାଖଲ କରିପାରିବେ ସେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଏପରି ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଛି । ନିଃସନ୍ଦେହରେ, ବର୍ତ୍ତମାନର ମାମଲାଟି ଏପରି ଥିଲା ଯେଉଁଠାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ ଭାବରେ ଆରମ୍ଭ କରାଯାଇଥିଲା । ଧାରା- 341(1) ପ୍ରଣୟନ କରିବା ସମୟରେ ସ୍ୱତଃପ୍ରବୃତ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିର ପ୍ରଭାବ ବିଧାନସଭା ଦ୍ୱାରା ମନେ ରଖାଯାଇଥିବା ପରି ମନେହୁଏ । ଧାରା- 341ର ଉପ-ଧାରା (2) ଏହି ମାମଲାର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ଅଟେ । ଏଥିରେ କୁହାଯାଇଛି ଯେ, ଧାରା- 341 ଅଧୀନରେ ଏକ ଆଦେଶ ଏବଂ ଏପରି କୌଣସି ଆଦେଶର ଅଧୀନରେ, ଧାରା- 340 ଅଧୀନରେ ଏକ ଆଦେଶ ଚୂଡ଼ାନ୍ତ ହେବ ଏବଂ ପୁନଃନିରୀକ୍ଷଣର ବିଷୟ ହେବ ନାହିଁ । ଅନ୍ୟ ଶବ୍ଦରେ, ଧାରା- 340 ଅଧୀନରେ ଏକ ଆଦେଶ ସମ୍ପର୍କରେ ପୁନଃନିରୀକ୍ଷଣ ଦାଖଲ କରିବା ଉପରେ ଆଇନଗତ ପ୍ରତିବନ୍ଧକ ସୃଷ୍ଟି ହୋଇଛି ଯାହା ଆପତ୍ତିର ବିଷୟ ହୋଇପାରିବ ନାହିଁ । ନିସନ୍ଦେହରେ, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଯାହା ଆପତ୍ତି କରାଯାଇଥିଲା ତାହା କେରଳ ରାଜ୍ୟ ଦ୍ୱାରା ଧାରା- 340 ଅଧୀନରେ ଏକ ଆଦେଶ ଥିଲା । ଆଇନର ଧାରା- 341 ଅଧୀନରେ ରାଜ୍ୟ ଦ୍ୱାରା କୌଣସି ଅପିଲ ଦାଖଲ କରାଯାଇପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଦର୍ଶାଇ ଯଥାର୍ଥ ଥିଲେ । କିନ୍ତୁ ଧାରା- 341 ର ଉପ-ଧାରା (2) ର ସ୍ପଷ୍ଟ ଭାଷା ଦୃଷ୍ଟିରୁ ପୁନରୀକ୍ଷଣର ପୋଷଣୀୟ ବିଷୟରେ ଏହାର ଉପସଂହାର ଅଯୌକ୍ତିକ ଅଟେ । ଏହା

ଦେଖାଯାଉଛି ଯେ, ଉଚ୍ଚ ନ୍ୟାୟାଳୟ ଅଧିକାରୀଙ୍କ ବିରୁଦ୍ଧରେ କିଛି ପର୍ଯ୍ୟବେକ୍ଷଣ ଦେଇଛନ୍ତି ଯାହା ଆମ ଦୃଷ୍ଟିରୁ ହସ୍ତକ୍ଷେପକୁ ସମର୍ଥନ କରେ ନାହିଁ । ତେଣୁ, ପୁନରୀକ୍ଷଣର ପୋଷଣୀୟତା ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ରଦ୍ଦ କରାଯାଇଛି ।

6. ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅପିଲକୁ ଅନୁମତି ଦିଆଯାଇଛି ।

ଡି.ଜି. ଅପିଲ ଆଂଶିକ ଭାବେ ଅନୁମତିପ୍ରାପ୍ତ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**